# Akashvani, Sambalpur

## SAMBALPURI NEWS EVENING BULLETIN

## 3 October 2024- 7.02 pm- 7.12 pm.

*********************************************

୧- ଉତମ ଚରିତ୍ର ଆର୍ ଜୀବନ୍‌ର ଫି' କ୍ଷେତ୍ର ନ ସହନଶୀଳତା ରକ୍ଷା କର୍‌ବାର୍ ଲାଗି ଛାତ୍ରଛାତ୍ରୀମାନ୍‌କୁ ପରାମର୍ଶ ଦେଲେ ରାଷ୍ଟ୍ରପତି ।

୨- ନୂଆଦିଲ୍ଲୀ ନ ହେଇଥିବା ଆମ୍ବାସଡ଼ର୍ ସମ୍ମିଳନୀଥି ଯୋଗ୍ ଦେଲେ ମୁଖ୍ୟମନ୍ତ୍ରୀ ।

- କହେଲେ ଓଡ଼ିଶା ନ ପୁଞ୍ଜିନିବେଶ୍ ଲାଗି ହେଇଛେ ସକାରାତ୍ମକ ଆଲୋଚନା ।

୩- ରାଜ୍ୟର୍ ଶକ୍ତିପୀଠ ମାନ୍‌କେ ଆଏଜ୍‌ଠାନୁ ମୁଲ୍ ହେଲା ଜଗତ୍‌ଜନନୀ ମା ଦୁର୍ଗାଙ୍କର୍ ନବରାତ୍ରୀ ପୂଜା ।

ଆଉର୍

୪- ବାହାର୍‌ଲା ରାଜ୍ୟର୍ ପହେଲା କଲ୍‌ରାପତ୍‌ରିଆ ବାଘ୍ ଗନ୍‌ନା ରିପୋର୍ଟ - ୬ ଶହ ୯୬ ଟା ବାଘ୍ ଥିବାର୍ ସୂଚ୍‌ନା ।

ରାଷ୍ଟ୍ରପତି ଆର୍‌ଏନ୍‌ୟୁ/ କଟକ୍

ଚରିତ୍ରକେ ନଷ୍ଟ କଲା ବାଗିର୍ ଜୀବନ୍‌ଥି କେନ୍‌ସି କାମ୍ ନାଇଁ କର୍‌ବାର୍‌କେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଛାତ୍ରଛାତ୍ରୀମାନ୍‌କୁ ପରାମର୍ଶ ଦେଇଛନ୍ । କାର୍ଯ୍ୟଶୈଳୀ ଆର୍ ବ୍ୟବହାର୍‌ଥି ନୈତିକତା ଅବଲମ୍ବନ୍ କର୍‌ବାର୍‌କେ ରାଷ୍ଟ୍ରପତି କହିଛନ୍ । ରାଜସ୍ଥାନ୍‌ର ଉଦୟପୁର୍ ନ ଥିବା ମୋହନ୍‌ଲାଲ୍ ସୁଖାଡିଆ ବିଶ୍ୱବିଦ୍ୟାଲୟର୍ ୩୨ ନମ୍ବର୍ ସମାବର୍ତନ୍ ଉତ୍ସବ୍‌ଥି ରାଷ୍ଟ୍ରପତି ଆଏଜ୍ ଯୋଗ୍ ଦେଇକରି କହିଛନ୍ ଯେ, ଚରିତ୍ର ହେଉଛେ ଶିକ୍ଷାନୁ ଅଏତ୍‌କା ମୂଲ୍ୟବାନ୍ ଆର୍ ଗୁରୁତ୍ୱପୂର୍ଣ୍ଣ । ଛାତ୍ରଛାତ୍ରୀମାନେ ସେମାନ୍‌କର୍ ଜୀବନ୍‌ର ଫି' କ୍ଷେତ୍ର ନ ସହନଶୀଳ ହେବାର୍ ଲାଗି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆହ୍ୱାନ୍ ଦେଇଛନ୍ । ରାଷ୍ଟ୍ରପତି କହିଛନ୍ ଯେ, ଏକବିଂଶ ଶତାବ୍ଦୀଥି ପୁର୍‌ଥିର୍ ଫି' କ୍ଷେତ୍ର ନ ଦୃତଗତିଥି ପରିବର୍ତନ୍ ହଉଛେ । ଜ୍ଞାନ୍, ବିଜ୍ଞାନ୍ ଆର୍ ବୈଷୟିକ କ୍ଷେତ୍ରଥି ଭିଲ୍ ଇ ପରିବର୍ତନ୍ ମାନ୍‌କର୍ ପ୍ରଭାବ୍ ଦେଖ୍‌ବାର୍‌କେ ମିଲୁଛେ । ହେଥିର୍‌ଲାଗି ଛାତ୍ରଛାତ୍ରୀମାନେ ସମିଆର୍ ଦର୍‌କାର୍ ଅନ୍‌ସାରେ ଶିକ୍ଷାର୍ ଠିକ୍ ଦିଗ୍‌କେ କାମ୍‌ଥି ପରିଣତ୍ କର୍‌ବାର୍ ଉଚିତ୍ ବଲି ରାଷ୍ଟ୍ରପତି କହିଛନ୍ ।

ମୁଖ୍ୟମନ୍ତ୍ରୀ- ନିବେଶକ ସମ୍ମିଳନୀ ଆର୍‌ଏନ୍‌ୟୁ/ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନୂଆଦିଲ୍ଲୀ ନ ହେଇଥିବା ଆମ୍ବାସଡ଼ର୍ ସମ୍ମିଲନୀଥି ୩୪ ଟା ଦେଶର୍ ରାଷ୍ଟ୍ରଦୂତ, ହାଇକମିଶନର୍, କନ୍ସଲ୍ ଜେନେରାଲ୍, ଟ୍ରେଡ୍ କମିଶନର୍ ଆର୍ କୁଟନୀତିଜ୍ଞମାନ୍‌କର୍ ସାଙ୍ଗେ ଓଡ଼ିଶାର୍ ଭିନ୍ ଭିନ୍ କ୍ଷେତ୍ରଥି ନିବେଶ୍ କର୍‌ବାର୍ ବାବ୍‌ଦେ ଆଲୋଚନା କରିଛନ୍ । ଓଡ଼ିଶା ନ ଶିଳ୍ପ ବାତାବରଣ୍ ଆର୍ ପୁଞ୍ଜିନିବେଶ୍ ଲାଗି ସକାରାତ୍ମକ ଆଲୋଚନା ହେଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ । ବୈଠକ୍ ସର୍‌ବାର୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମ୍‌କେ କହିଛନ୍ ଯେ, ଆଏବା ଦିନେ ରାଏଜେ ସେମି କଣ୍ଡକ୍ଟର୍, ଆଇଟି, ଗ୍ରୀନ୍ ଏନର୍ଜି, ପେଟ୍ରୋ କେମିକାଲ୍ସ, ଇଲେକ୍ଟ୍ରୋନିକ୍ସ ଆର୍ ଫୁଡ୍ ପ୍ରୋସେସିଂ କ୍ଷେତ୍ରଥି ଅଏତ୍‌କା ପୁଞ୍ଜିନିବେଶ୍ ହେବାର୍ ସମ୍ଭାବନା ରହିଛେ । ଇଟା ୨୦୩୬ ମସିହାଥି ସମୃଦ୍ଧ ଓଡ଼ିଶା ଆର୍ ୨୦୪୭ ଥି ବିକଶିତ୍ ଓଡ଼ିଶା ଗଠନ୍‌ଥି ନିଶ୍ଚିତ ସୁଦୃଢ଼ ମୂଳଦୂଆ ପକାବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଆଏବା ବଛର୍ ଜାନୁଆରୀ ୨୮ ଆର୍ ୨୯ ତାରିଖ୍ ଦିନ ଭୁବ୍‌ନେଶ୍ୱର୍ ନ ହେବାର୍‌କେ ଥିବା ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭଥି ଯୋଗ୍ ଦେବାର୍ ଲାଗି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିବେଶକମାନ୍‌କୁ ଆମନ୍ତ୍ରଣ୍ କରିଛନ୍ ।

ନବରାତ୍ର ପୂଜା

## ସମ୍ବଲପୁର/ନୂଆପଡ଼ା/ ସୁବର୍ଣ୍ଣପୁର/ଦେବ୍‌ଗଡ଼୍‌/ବୌଦ୍ଧ

ରାଜ୍ୟର୍ ସବୁ ଶକ୍ତିପୀଠ ମାନ୍‌କେ ଆଏଜ୍ ଦଶ୍‌ରା ମାସର୍ ଉଜଲ୍‌ପଖ୍ ପ୍ରତିପଦା ତିଥି ନୁ ମା ଦୁର୍ଗାଙ୍କର୍ ନବରାତ୍ରୀ ପୂଜା ମୁଲ୍ ହେଇଛେ । ପହେଲାଦିନ ମାଙ୍କୁ ଶୈଳପୁତ୍ରୀ ବେଶଥି ପୂଜା କରାଯାଏସି । ଭଗବାନ ବ୍ରହ୍ମା, ଶିବ ଆର୍ ବିଷ୍ଣୁଙ୍କର୍ ସମ୍ମିଳିତ ଶକ୍ତିର୍ ଆଧାର୍ ଭାବେ ପୂଜା ଆରାଧନା କରାଯାଏସି । ମା ଦୁର୍ଗାଙ୍କର୍ ଆଗମନ୍ ଲାଗି ଗାଁ ନୁ ସହର୍‌ତକ୍ ଉସ୍‌ନାକି ଦେଖ୍‌ବାର୍‌କେ ମିଲିଛେ । ସବୁ ଦେବୀ ମନ୍ଦିର୍ ମାନ୍‌କେ ମା'ଙ୍କର୍ ସ୍ୱତନ୍ତ୍ର ବେଶ କରାଯାଉଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ନବରାତ୍ରୀ ଅବ୍‌ସରେ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍‌ଥି ପୋଷ୍ଟ କରିକରି ପ୍ରଧାନ୍‌ମନ୍ତ୍ରୀ ସମ୍‌କର୍ କଲ୍ୟାଣ୍ କାମନା କରିଛନ୍ । ରାଜ୍ୟପାଲ୍ ରଘୁବର୍ ଦାସ ଆର୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟବାସୀଙ୍କୁ ଶାରଦୀୟ ନବରାତ୍ରର୍ ଶୁଭେଚ୍ଛା ଜନେଇଛନ୍ । ସେନ୍ତା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ତାଲ୍‌ଚେର୍‌ର ଅଧିଷ୍ଠାତ୍ରୀ ଦେବୀ ମା ହିଙ୍ଗୁଳାଙ୍କର୍ ପାଖେ ଜଗତ୍‌କଲ୍ୟାଣ୍ ଲାଗି ପ୍ରାର୍ଥନା କରିଛନ୍ । ସାହସ୍, ଧୈର୍ଯ୍ୟ ଆର୍ ସ୍ଥିରତାର ପ୍ରତୀକ ଶକ୍ତିସ୍ୱରୂପା ମା ଶୈଳପୁତ୍ରୀ ସମ୍‌କୁ ନିରୋଗ, ସମୃଦ୍ଧି ଆର୍ ଉନ୍ନତି କରୁନ୍ ବଲି ଶ୍ରୀ ପ୍ରଧାନ୍ ସାମାଜିକ ଗଣମାଧ୍ୟମ୍‌ଥି କହିଛନ୍ ।

ସମ୍ୱଲପୁର୍‌ର ମା ସମଲେଶ୍ୱରୀଙ୍କର୍ ପୀଠ ନ ଆଏଜ୍ ନବରାତ୍ର ମୁଲ୍ ହେଇଛେ । ଗଲାକାଏଲ୍‌ଠାନୁ ମା ଭକ୍ତମାନ୍‌କୁ ଧବଲ୍‌ମୁଖୀ ବେଶଥି ଦର୍ଶନ୍ ଦଉଛନ୍ । ମାଙ୍କର୍ ଧବଲ୍‌ମୁଖୀ ବେଶ ଦେଖିବାର୍ ଲାଗି ସମଲେଇଗୁଡ଼ି ନ ଭକ୍ତମାନ୍‌କର୍ ଜବର୍ ଭିଡ଼୍ ହେଉଛେ । ଆଏବାକାଏଲ୍ ସଖାଲ୍‌ବେଲାତକ୍ ମା ଧବଲ୍‌ମୁଖୀ ବେଶଥି ଦର୍ଶନ୍ ଦେବେ । ସେନ୍ତା ମା ପାଟଣେଶ୍ୱରୀ ମନ୍ଦିର୍ ସହେତେ ଅଲ୍‌ଗା ଦେବୀ ମନ୍ଦିର୍ ମାନ୍‌କେ ଭିଲ୍ ନବରାତ୍ର ପୂଜା ମୁଲ୍ ହେଇଛେ । ସେଥିର୍‌ଲାଗି ମା'ଙ୍କର୍ ସ୍ୱତନ୍ତ୍ର ନୀତିକାନ୍ତି କରାଯାଉଛେ ।

ନୂଆପଡ଼ା ଜିଲ୍ଲା ନ ଭିନ୍ ଭିନ୍ ଦୁର୍ଗା କମିଟି ତର୍ଫୁ ମା ଦୁର୍ଗାଙ୍କର୍ ନବରାତ୍ର ପୂଜା ମୁଲ୍ ହେଇଛେ । ଖଡ଼ିଆଲ୍ ରାଜାପଡ଼ା ସାର୍ବଜନନୀ ଦୁର୍ଗାପୂଜା କମିଟି ତର୍ଫୁ ମା ଦୁର୍ଗାଙ୍କର୍ ୯ ଦିନ୍ ପୂଜା ଲାଗି ଶୈଳପୁତ୍ରୀ ପୂଜା ଆଏଜ୍ ହେଇଛେ । ଇ ପୂଜା କମିଟି ଗଲା ୭୨ ବଛର୍ ହେଲା ପୂଜା କରିଆସୁଛେ ।

ସୁବର୍ଣ୍ଣପୁର୍‌ର ଅଧିଷ୍ଠାତ୍ରୀ ଦେବୀ ମା ସୁରେଶ୍ୱରୀଙ୍କର୍ ପୀଠ ନ ଆଏଜ୍ ନବରାତ୍ର ପୂଜା ମୁଲ୍ ହେଇଛେ । ଗଲାକାଏଲ୍ ମା ଧବଲ୍‌ମୁଖୀ ବେଶଥି ଦର୍ଶନ୍ ଦେଇଥିବାର୍ ବେଲେ ଆଏଜ୍ ମାଙ୍କର୍ କାଳୀବେଶ କରାଯାଇଛେ । ଶାରଦୀୟ ପାର୍ବଣର ୧୦ ଦିନେ ମା ସୁରେଶ୍ୱରୀ ୧୦ ଟା ବେଶଥି ପୂଜା ପାଏବାର୍ ପରମ୍ପରା ରହିଛେ ।

ଦେବ୍‌ଗଡ୍‌ ଜିଲ୍ଲାର୍‌ ଭିନ୍‌ ଭିନ୍‌ ଶକ୍ତିପୀଠ ନ ମା ଦୁର୍ଗାଙ୍କର୍‌ ନବରାତ୍ର ପୂଜା ମୁଲ୍‌ ହେଇଛେ । ଜିଲ୍ଲାର୍‌ ପ୍ରଧାନ୍‌ପାଟ୍‌ ଜଳପ୍ରପାତ ପାଖେ ଥିବା ମା ପ୍ରଧାନୀପୀଠ, ମା ଦକ୍ଷିଣକାଳୀ ମନ୍ଦିର୍‌, ମା କନକ୍‌ଦୁର୍ଗା ମନ୍ଦିର୍‌, ମାହେଶ୍ୱରୀ ପୀଠ ଆର୍‌ ବନଦୁର୍ଗା ପୀଠ ନ ସ୍ୱତନ୍ତ୍ର ନୀତିକାନ୍ତି ଅନ୍‌ସାରେ ପୂଜା କରାଯାଉଛେ ।

ବୌଦ୍ଧ ଜିଲ୍ଲାର୍‌ ଭିନ୍‌ ଭିନ୍‌ ଶକ୍ତିପୀଠ ଆର୍‌ ପୂଜା ମଣ୍ଡପ୍‌ ନ ଆଏଜ୍‌ ନବରାତ୍ର ପୂଜା ମୁଲ୍‌ ହେଇଛେ । ଜିଲ୍ଲାର୍‌ ପୁରୁଣାକଟକ୍‌ର ମା ଭୈରବୀ ପୀଠ, ତେଲିବନ୍ଧ ଠାନେ ଥିବା ମା ବନଦୁର୍ଗାଙ୍କର୍‌ ମନ୍ଦିର୍‌ ନ ସ୍ୱତନ୍ତ୍ର ପୂଜା କରାଯାଉଛେ ।

ରାଜ୍ୟ- ବାଘ୍‌ ଗନ୍‌ନା ରିପୋର୍ଟ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍‌ ନିଜର୍‌ ପହେଲା କଲ୍‌ରାପତ୍‌ରିଆ ବାଘ୍‌ ଗନ୍‌ନା ରିପୋର୍ଟ ଆଏଜ୍‌ ବାହାରିଛେ । ରିପୋର୍ଟ ଅନ୍‌ସାରେ ରାଏଜେ ମୋଟ୍‌ ୬ ଶହ ୯୬ ଟା କଲ୍‌ରାପତ୍‌ରିଆ ବାଘ୍‌ ଅଛନ୍‌ । ରାଜ୍ୟ ଜଙ୍ଗଲ୍‌ ବିଭାଗ୍‌ ତର୍‌ଫୁ ମୋଟ୍‌ ୪୭ ଟା ବନଖଣ୍ଡ ନ ଇ ଗଣ୍‌ନା କରାଯାଇଥିଲା । ବିଭାଗ୍‌ ତର୍‌ଫୁ ଲଗାଯାଇଥିବା କେମ୍‌ରାଥି ୨ ଶହ ୮୪ ଟା କଲ୍‌ରାପତ୍‌ରିଆ ବାଘ୍‌ର ଫଟୋଚିତ୍ର ସ୍ୱତନ୍ତ୍ର ଭାବେ ରେକର୍ଡ୍‌

ହେଇଛେ । ଅଲ୍ଗା ରେକର୍ଡ୍ ହେଇଥିବା ଫଟୋମାନ୍କୁ ତର୍ଜମା କରାଯିବାର୍ ଉତ୍ରୁ ମୋଟ୍ ୬ ଶହ ୯୬ ଟା ବାଘ୍ ଥିବାର୍ଟା ଜଙ୍ଗଲ୍ ବିଭାଗ୍ ସ୍ୱଷ୍ଟ କରିଛେ । ସୂଚ୍ନା ଅନ୍ସାରେ ମୟୁର୍ଭଞ୍ଜ୍ ଆର୍ କେନ୍ଦୁଝର୍ ଜିଲ୍ଲା ନ ଥିବା ବନଖଣ୍ଡଥି ପାଖାପାଖି ୨ ଶହ କଲ୍ରାପତ୍ରିଆ ବାଘ୍ ଅଛନ୍ । ଡେବ୍ରିଗଡ୍ ଅଭୟାରଣ୍ୟ ନ ୫୦ ନୁ ଅଏତ୍କା କଲ୍ରାପତ୍ରିଆ ବାଘ୍ ଥିବାର୍ ସୂଚ୍ନା ମିଲିଛେ ।

ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ଆର୍ଏନ୍ୟୁ/ ସମ୍ବଲପୁର

ସର୍କାର୍ଙ୍କର୍ ତର୍ଫୁ ବନ୍ୟପ୍ରାଣୀ ଆଉ ସେମାନ୍କର୍ ରହେବାର୍ ଜାଗାର୍ ସୁରକ୍ଷା ଉଦ୍ଦେଶ୍ଥି କରାଯାଉଥିବା ଭିନ୍ ଭିନ୍ ଯୋଜ୍ନା ମାନ୍କର୍ ସଫଲ୍ ରୂପାୟନ୍ ଲାଗି ସମ୍କର୍ ସହଯୋଗ୍ ଦର୍କାର୍ ବଲି ଜଙ୍ଗଲ୍, ପରିବେଶ ଆଉ ଜଳବାୟୁ ପରିବର୍ତନ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ କହିଛନ୍ । ଭୁବ୍ନେଶ୍ୱର୍ ନ ଆଏଜ୍ ହେଇଥିବା ୭୦ ନମ୍ବର୍ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଲନ୍ ସମାରୋହଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମନ୍ତ୍ରୀ କହିଛନ୍ ଯେ, ଇ ସବୁ ଯୋଜ୍ନାମାନ୍କର୍ ସଫଲ ରୂପାୟନ୍ ଲାଗି ଜନସାଧାରଣ, ଗଣମାଧ୍ୟମ୍, ସ୍ୱେଚ୍ଛାସେବୀ ଆର୍ ସାମାଜିକ୍ ଅନୁଷ୍ଠାନ୍ ମାନ୍କର୍ ସହଯୋଗ୍ ଦର୍କାର୍ । ସେ ଆହୁରି କହିଛନ୍ ଯେ, ଜାତିର ପିତା ମହାତ୍ମାଗାନ୍ଧୀଙ୍କର୍ ଜୟନ୍ତୀ

ଅକ୍ଟୋବର୍ ୨ ତାରିଖ୍ ଦିନୁ ସାରାଦେଶେ ବନ୍ୟପ୍ରାଣୀ ସପ୍ତାହ ପାଲନ୍ ହେସି । ବନ୍ୟପ୍ରାଣୀଙ୍କର୍ ସୁରକ୍ଷା, ସଂରକ୍ଷଣ୍ ଆର୍ ଅଭିବୃଦ୍ଧି ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍ ଇ ସପ୍ତାହ ପାଲନ୍‌ର ମୁଖ୍ୟ ଉଦ୍ଦେଶ୍ ଆଏ । ରାଏଜେ ୩ ହଜାର୍‌ନୁ ଅଏତ୍‌କା ପ୍ରଜାତିର୍ ଗଛ୍ ପତର୍ ସଙ୍ଗେ ଶହେ ୧୪ ପ୍ରଜାତିର୍ ସ୍ତନ୍ୟପାୟୀ ପ୍ରାଣୀ, ୫ ଶହ ୩୭ ପ୍ରଜାତିର୍ ପକ୍ଷୀ, ୨୯ ପ୍ରଜାତିର୍ ଉଭୟଚର ପ୍ରାଣୀ, ଶହେ ୨୯ ପ୍ରକାର୍‌ର ସରୀସୃପ ଦେଖାଯାଏସନ୍ ।

ବନ୍ୟପ୍ରାଣୀ ସପ୍ତାହ-ନୂଆପଡ଼ା        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବନାଂଚଲ୍ ତରଫୁ ୭୦ ନମ୍ବର୍ ବନ୍ୟପ୍ରାଣୀ ସପ୍ତାହ ଆଏଜ୍ ପାଲିତ୍ ହେଇଛେ । ଇ ଅବ୍‌ସରେ ବନାଂଚଲ୍ ଅଧିକାରୀ ସଂସ୍କୃତା ବଡ଼ନାୟକ ଙ୍କର୍ ନେତୃତ୍ୱଥି ଗୁଟେ ସଚେତନତା ରେଲି ଖଡ଼ିଆଲ୍ ନଗର୍ ବୁଲିଥିଲା ।

ଜି.ଏମ୍.ୟୁ-ସମାବର୍ତ୍ତନ୍ ଉତ୍ସବ୍        ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲପୁର ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟର୍ ଆଏଜ୍ ୪ ନମ୍ବର୍ ସମାବର୍ତ୍ତନ୍ ଉତ୍ସବ୍ ଅନୁଷ୍ଠିତ ହେଇଛେ । ଇ ଉତ୍ସବ୍‌ଥି

ମୁଖ୍ୟଅତିଥି ଭାବେ ହାଇଦ୍ରାବାଦ୍ ବିଶ୍ୱବିଦ୍ୟାଳୟର କୁଳପତି ବି. ଜଗଦୀଶ୍ୱର ରାଓ ଯୋଗ୍ ଦେଇଥିଲେ । ଇ ସମାରୋହଥି ବିଶ୍ୱବିଦ୍ୟାଳୟର ୨ ଶହ ୭ ଝନ୍ ଛାତ୍ରଛାତ୍ରୀଙ୍କୁ ପଦକ୍ ଦିଆଯାଇଥିଲା । ସେଥିର୍‌ଭିତ୍‌ରୁ ପିଏଚ୍‌ଡ଼ିଥି ଶ୍ରେଷ୍ଠ ସ୍ଥାନ୍ ହାସଲ୍ କରିଥିବା ୩୪ ଝନ୍‌କୁ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ୍ ଦିଆଯାଇଥିଲା । ଇ ଅବ୍‌ସରେ ମୁଖ୍ୟଅତିଥି ଶ୍ରୀ ରାଓ କହିଛନ୍ ଯେ, ଆଏଜ୍ ନାରୀଶକ୍ତିମାନେ ବେଶ୍ ଆଗ୍‌କେ ବଢୁଛନ୍ । ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ନ ଭିଲ୍ ଛାତ୍ରୀମାନେ ଭଲ୍ ପ୍ରଦର୍ଶନ୍ କରିଛନ୍ । ଯେନ୍ ଛାତ୍ରଛାତ୍ରୀମାନେ ପଦକ୍ ପାଇଛନ୍ ସେମାନେ ଆଗ୍‌କେ ବଢ଼୍‌ବାର୍ ଲାଗି ଇ ପଦକ୍ ବେଶ୍ ସାହାଜ୍ ହେବା ବଲି ସେ କହିଛନ୍ ।

ଆର୍‌ଡିସି -ବୌଦ୍ଧ ଗସ୍ତ        ବୌଦ୍ଧ ସମ୍ବାଦଦାତା

ଉତରାଂଚଲ୍ ରାଜସ୍ୱ କମିଶନର୍ - ଆର୍‌ଡିସି ସଚିନ୍ ରାମଚନ୍ଦ୍ର ଯାଦବ୍ ବୌଦ୍ଧ ଜିଲ୍ଲା ଗସ୍ତଥି ଯାଇକରି ଜିଲ୍ଲା ନ ଚାଲିଥିବା ଭିନ୍ ଭିନ୍ ପ୍ରକଳ୍ପର୍ ସମୀକ୍ଷା କରିଛନ୍ । ଜିଲ୍ଲାର୍ ସବୁ ବ୍ଲକ୍ ତହସିଲ୍ ସାଙ୍ଗେ ସବୁ କାର୍ଯ୍ୟାଳୟ ନ ସାଧାରଣ ଲୁକ୍‌କର୍ ଅଭିଯୋଗ୍‌କେ ଶୁନ୍‌ବାର୍ ସହେତେ ସେମାନ୍‌କର୍ ସମସ୍ୟାର୍ ସମାଧାନ୍ କର୍‌ବାର୍‌କେ ପ୍ରଶାସନିକ୍ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଇ ବୈଠକ୍‌ଥି

ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ସହେତେ ଅତିରିକ୍ତ ଜିଲ୍ଲାପାଲ୍, ଉପ ଜିଲ୍ଲାପାଲ୍ ଆର୍ ଜିଲ୍ଲାର୍ ସବୁ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଓଜେଏସ୍-୨୦୨୩ ମେନ୍ ପରୀକ୍ଷା ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ନ୍ୟାୟିକ ସେବା - ଓଜେଏସ୍-୨୦୨୩ ମେନ୍ ପରୀକ୍ଷା ଆଏବା ନଭେମ୍ବର୍ ୩ ନୁ ୬ ତାରିଖ୍ ଭିତ୍‌ରେ ହେବା । ଓଡ଼ିଶା ଲୋକ୍‌ସେବା ଆୟୋଗ୍ ତର୍‌ଫୁ ବାହାରିଥିବା ବିଜ୍ଞପ୍ତି ଅନ୍‌ସାରେ ଭୁବ୍‌ନେଶ୍ୱର୍, କଟକ୍ ଆର୍ ସମ୍ବଲ୍‌ପୁର୍ ୩ଟା ଜୋନ୍‌ଥି ଇ ପରୀକ୍ଷା ହେବା । ମେନ୍ ପରୀକ୍ଷା ଦେବାର୍ ଲାଗି ୬ ଶହ ୮୦ ଝନ୍ ପାସ୍ କରିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପୂର୍ବ ବାଂଲାଦେଶ୍ ଆର୍ ଇତାର୍ ଆଖର୍‌ପାଖର୍ ଇଲାକା ନ ଘୂର୍ଣ୍ଣିବଳୟ ସୃଷ୍ଟି ହେଇଛେ । ଇ ଘୂର୍ଣ୍ଣିବଳୟ ଧିରେ ଧିରେ ପଶ୍ଚିମ ଉତର୍‌ପଶ୍ଚିମ ଦିଗ୍‌କେ ଗତିକରିକରି ଉତର୍ ବଙ୍ଗୋପ୍‌ସାଗର୍ ପାଖର୍ ପଶ୍ଚିମବଙ୍ଗ୍ ଆର୍ ଓଡ଼ିଶା ସମୁଦ୍ର ଖଁଡ଼ି ନ ଆଏବାକାଏଲ୍‌ଠାନୁ ଲଘୁଚାପ୍‌ର ରୂପ୍ ନେବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ଉତର୍ ଓଡ଼ିଶା ସହେତେ ରାଜ୍ୟର୍

ଅଲ୍‌ଗା ଜାଗାମାନ୍‌କେ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ମିଲିଛେ । ସେଆଡ଼େ ଆଏବା କାଏଲ୍ କଲାହାଣ୍ଡି ସହେତେ ରାଜ୍ୟର୍ ୨୦ ଟା ଜିଲ୍ଲା ନ ଧୁକାଧନ୍ଦି ସହେତେ ବର୍ଷା ହେଇପାରେ ।